# SAMPLE QUESTION PAPER
## CLASS- XII
## ଓଡ଼ିଆ ODIA (113)

- Please check that this question paper contains 3 Printed pages.
- Code number given on the right hand side of the question paper should be written on the title page of the answer book by the candidate.
- Please check that this question paper contains **11** questions.
- **Please write down the Serial Number of the question before attempting it.**
- 15 minute time has been allotted to read this question paper. The question paper will be distributed at 10.15 am. From 10.15 am to 10.30 am, the students will read the question paper only and will not write any answer on the answer book during this period.

ସମୟ - ୩ ଘଂଟା
*Time allowed: 3 hours*

ପୂର୍ଣ୍ଣ ସଂଖ୍ୟା - ୧୦୦
*Maximum Marks: 100*

ସୂଚନା : ଏହି ପ୍ରଶ୍ନ ପତ୍ରରେ ଚାରୋଟି ବିଭାଗ ରହିଛି ।

| | | |
|---|---|---|
| (କ) ପଠନ | – Reading – | 10 Marks |
| (ଖ) ଲିଖନ | – Writing – | 20 Marks |
| (ଗ) ବ୍ୟାକରଣ | – Grammar – | 20 Marks |
| (ଘ) ସାହିତ୍ୟ | – Literature – | 50 Marks |

ନିର୍ଦ୍ଦେଶାନୁଯାୟୀ ସମସ୍ତ ପ୍ରଶ୍ନର ଉତ୍ତର ଦିଅ ।

## 'କ' ବିଭାଗ(Section –A -10 Marks)

୧. ଅନୁଚ୍ଛେଦଟିକୁ ପଢ଼ି ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ । 5 x 2 =10

ନାରୀମାନଙ୍କ ମଧ୍ୟରେ ନେତ୍ରୀ ରୂପେ ଓଡ଼ିଶାରେ ସୁପରିଚିତା ଶ୍ରୀମତୀ ନନ୍ଦିନୀ ଶତପଥୀ ଓଡ଼ିଆ କଥା ସାହିତ୍ୟର ଅନ୍ୟତମ ଅମ୍ଳାନ ପ୍ରତିଭା । ପିତା ବିଶିଷ୍ଟ କଥାଶିଳ୍ପୀ ସ୍ୱର୍ଗତଃ କାଳିନ୍ଦୀ ଚରଣ ପାଣିଗ୍ରାହୀ ଏବଂ କକେଇ କଥାକାର ସ୍ୱର୍ଗତଃ ଭଗବତୀ ଚରଣ ପାଣିଗ୍ରାହୀଙ୍କ ସାରସ୍ୱତ ବ୍ୟକ୍ତିତ୍ୱ ଦ୍ୱାରା ଅନୁପ୍ରାଣିତ ହୋଇ ସେ ଛାତ୍ରୀ ଜୀବନରୁ ସାହିତ୍ୟ ସାଧନା ପ୍ରତି ମନ ବଳାଇଥିଲେ । ରେଭେନ୍ସା କଲେଜ୍‌ରେ ଅଧ୍ୟୟନ କାଳରେ ସେ ୟୁନିୟନ୍ ଜ୍ୟାକ୍ ପୋଡ଼ି ଗିରଫ ହେବା ସଙ୍ଗେସଙ୍ଗେ ସ୍ୱାଧୀନତା ଆନ୍ଦୋଳନରେ ଅଂଶ ଗ୍ରହଣ କରିଥିଲେ । ସ୍ୱାଧୀନତା ପରବର୍ତ୍ତୀ କାଳରେ ସେ ରାଜନୀତିକ ଜୀବନରେ ପ୍ରବେଶ କରି କଂଗ୍ରେସ ଦଳର ନେତ୍ରୀ ରୂପେ ପାର୍ଲ୍ୟାମେଂଟକୁ ଯିବା ସଙ୍ଗେସଙ୍ଗେ କେନ୍ଦ୍ର ତଥ୍ୟ ଓ ବେତାର ବିଭାଗର ମନ୍ତ୍ରୀ ରୂପେ ଅବସ୍ଥାପିତ ହୋଇଥିଲେ । ପରେ ପରେ ସେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ରୂପେ ମଧ୍ୟ ଦାୟିତ୍ୱ ଗ୍ରହଣ କରିଥିଲେ । ଜଣେ ବିଚକ୍ଷଣ ରାଜନୀତିଜ୍ଞ, ସମାଜସେବୀ ଓ ନେତ୍ରୀ ରୂପେ ସେ ଯେପରି ଖ୍ୟାତି ଅର୍ଜନ କରିଛନ୍ତି, ସେହିପରି ଜଣେ ସୁଲେଖିକା ରୂପେ ମଧ୍ୟ ସେ ଅନୁରୂପ ଗୌରବର ଅଧିକାରିଣୀ । ତାଙ୍କ ରଚିତ ଗଳ୍ପ ଗ୍ରନ୍ଥ 'କେତୋଟି କଥା', 'ସପ୍ତଦର୍ଶୀ', ଅନୂଦିତ ଉପନ୍ୟାସ 'ଲଜ୍ଜା' ଓ 'ରେଭିନ୍ୟୁ ଟିକେଟ', ପାଠକମାନଙ୍କ ଦ୍ୱାରା ଆଦୃତ ଓ ପ୍ରଶଂସିତ ।

ପ୍ରଶ୍ନାବଳୀ:

କ. ନାରୀ ନେତ୍ରୀ ନନ୍ଦିନୀ ଶତପଥୀଙ୍କ ପିତାଙ୍କ ନାମ କ'ଣ ?

ଖ. ନନ୍ଦିନୀ ଶତପଥୀ ରେଭେନସା କଲେଜ୍‌ରେ ପଢୁଥିବା ବେଳେ ସେ କାହିଁକି ଗିରଫ ହୋଇଥିଲେ ?

ଗ. ସେ କେଉଁ ଦଳର ନେତୃତ୍ୱ ନେଉଥିଲେ ?

ଘ. କେନ୍ଦ୍ରରେ ସେ କେଉଁ ମନ୍ତ୍ରୀ ରୂପେ ଅବସ୍ଥାପିତ ହୋଇଥିଲେ ?

ଙ. ତାଙ୍କର ଏକ ଅନୂଦିତ ଉପନ୍ୟାସର ନାମ ଲେଖ ?

## 'ଖ' ବିଭାଗ(Section –B -20 Marks)

1 x 12 =12

୨. ଯେକୌଣସି ଗୋଟିଏ ବିଷୟରେ ପ୍ରବନ୍ଧଲେଖ ।

(କ) ଦୁର୍ନୀତି ନିବାରଣ ଆମର ପ୍ରଥମ କର୍ତ୍ତବ୍ୟ

(ଖ) ସ୍ୱଚ୍ଛ ଭାରତ ଅଭିଯାନ

(ଗ) ପର୍ବପର୍ବାଣିର ରାଜ୍ୟ ଓଡ଼ିଶା

୩. ତୁମ ଅଂଚଳର ପରିଷ୍କାର ପରିଚ୍ଛନ୍ନତା ଉପରେ ବିଶେଷ ଦୃଷ୍ଟି ଦେବାକୁ ଅନୁରୋଧ କରି ମହାନଗର ନିଗମ ଅଧ୍ୟକ୍ଷଙ୍କୁ ଏକ ଦରଖାସ୍ତ ଲେଖ । 1 x 8=08

କିମ୍ବା

ବନ୍ୟା ପ୍ରପୀଡ଼ିତ ଅଂଚଳରେ ରିଲିଫ୍ କାର୍ଯ୍ୟ ପାଇଁ ଅନୁମତି ଓ ସହଯୋଗ ପ୍ରାର୍ଥନା କରି ମାନ୍ୟବର ଜିଲ୍ଲାପାଳଙ୍କୁ ଏକ ଦରଖାସ୍ତ ଲେଖ ।

## 'ଗ' ବିଭାଗ (Section –C - 20 Marks)

5 x 1 =05

୪. (କ) ବିପରୀତାର୍ଥବୋଧକ ଶବ୍ଦ ଲେଖ । (୫ଟିର)

ଲୋଭୀ , ଆବାହନ , ପ୍ରାକୃତିକ , ନବୀନ , ପରୋକ୍ଷ , ଜ୍ୟେଷ୍ଠ , ପ୍ରଶଂସା

5 x 1 =05

(ଖ) ଅର୍ଥଗତ ପାର୍ଥକ୍ୟ ଦର୍ଶାଅ ।(୫ଟିର)

ମଠ- ମଠ , ରାଗ-ରାଗ , କୁଜନ-କୂଜନ , ଦିନ –ଦୀନ , ପୁତ- ପୂତ , ଶୁଦ୍ଧ- ସୁଧ , ଶତ-ସତ

5 x 1 =05

୫. (କ) ଭ୍ରମ ସଂଶୋଧନ କର ।(୫ଟିର)

ଦେବାଶୀଷ , ଶିକ୍ଷୟତ୍ରୀ , ମିମାଂଶା , ଅନୁଭୁତି , ପ୍ରତିଯୋଗୀତା , ଦିପ୍ତୀ , ଅହନିଶି

5 x 1 =05

(ଖ) ଏକ ପଦରେ ପ୍ରକାଶ କର । (୫ଟିର)

i. ବେଦରେ ଯାହାର ଜ୍ଞାନ ଅଛି –

ii. ପୁତ୍ରର ପୁତ୍ର-

iii. ନାହିଁ ଅହଂକାର ଯାହାର –

iv. ବିଧିକୁ ଅତିକ୍ରମ ନ କରି-

v . ମରୁତଙ୍କ ପୁତ୍ର-

vi. ଜାତ ହୋଇନାହିଁ ଶତ୍ରୁ ଯାହାର-

vii .ନାହିଁ ଅର୍ଥ ଯହିଁରେ –

## 'ଘ' ବିଭାଗ (Section –D -50 Marks)

୬. 'କ୍ଷମା' ପ୍ରବନ୍ଧ ଅବଲମ୍ବନରେ କ୍ଷମାର ମହତ୍ତ୍ୱ ଓ ଉପାଦେୟତା ଆଲୋଚନା କର । 1 x 10 =10

କିମ୍ବା

ଜାତିର ଜୀବନ ଓ ତା'ର ସଂସ୍କୃତି କିଭଳି ଅଙ୍ଗାଙ୍ଗୀ ଭାବେ ଜଡ଼ିତ ପଠିତ ପ୍ରବନ୍ଧ ଅନୁସରଣରେ ଆଲୋଚନା କର ।

**୭. ସପ୍ରସଙ୍ଗ ସରଳାର୍ଥ ଲେଖ ।** 1 x 6 =06

ଭୁଲ ଓ ଭଲର ମାପକାଠି ଆଜି ହଜି ଯାଇଛି, ଯିଏ ଯାହା ପାରିଲା ତାହା କରି ଯାଉଛନ୍ତି ଓ ଦରକାର ବେଳେ ଅନ୍ୟ କୌଣସି ଦେଶର ମାପକାଠି ଆଡ଼କୁ ଆଙ୍ଗୁଠି ଦେଖାଇ ଦେଉଛନ୍ତି ।

କିମ୍ବା

କୌଣସି ଜାତିର ବାହାର ଉନ୍ନତିର କିଛି ମୂଲ୍ୟ ନାହିଁ, ଯଦି ତା'ର ନୈତିକ ମୂଲ୍ୟବୋଧର କିଛି ପୁନରୁଦ୍ଧାର ନ ହୁଏ ।

୮. ସୀତାଙ୍କୁ ନିର୍ବାସିତା କରିଥିଲେ ହେଁ ତାଙ୍କ ପ୍ରତି ରାମଚନ୍ଦ୍ରଙ୍କର କିପରି ଅନାବିଳ ପ୍ରେମ ରହିଥିଲା ଆଲୋଚନା କର । 1 x 8 =08

କିମ୍ବା

ଗୋପବନ୍ଧୁଙ୍କ ଚରିତ୍ରର ମହନୀୟତା 'ବିଶ୍ୱ ଜୀବନ ପଥେ' କବିତାରେ କିପରି ପରିସ୍ଫୁଟ ହୋଇଛି ; ସବିଶେଷ ଆଲୋଚନା କର ।

**୯. ସପ୍ରସଙ୍ଗ ସରଳାର୍ଥ ଲେଖ ।** 1 x 6 =06

ବଂଶ ପଛେ ଯାଉ ଜାତି ବୃଦ୍ଧି ପାଉ
ସାଧ ଏ ଉଦାର ନୀତି,
କୋଣାର୍କ ଦେଉଳ ଗାଉ ଚିର କାଳ
ତୁମ୍ଭ ପୁଣ୍ୟ ତ୍ୟାଗ-ଗୀତି ।

**କିମ୍ବା**

ଯେ ଅଟେ ଜଗତ ଜନର ମନ- ନୟନ- କାରା
ଅପ୍ରକଟ ହୋଇ ରହିବା ପାଇଁ କାହିଁ ତା ଚାରା ।

**୧୦ . ଯେକୌଣସି ୫ଟି ପ୍ରଶ୍ନର ଉତ୍ତର ସଂକ୍ଷେପରେ ଲେଖ ।** 5 x 2 =10

(କ) ଉଆଁସ ରାତିରେ ଶ୍ମଶାନର ରୂପ କିପରି ଦିଶେ ?
(ଖ) କେଉଁ କୀର୍ତ୍ତିରୁ ଉତ୍କଳ ପୂର୍ବେ ଉନ୍ନତ ଥିଲା ବୋଲି ଜଣାପଡ଼େ ?
(ଗ) ଚନ୍ଦ୍ରଭାଗାଙ୍କ ପାଇଁ କିଏ କେଉଁଠାରୁ ବସ୍ତ୍ର ଭୂଷଣ ଆଣି ଦେଇଥିଲେ ?
(ଘ) ମନୁଷ୍ୟର ଦେବତ୍ୱ ଗୁଣ ବିକଶିତ ହୁଏ କିପରି ?
(ଙ) କବି ଗଙ୍ଗାଧରଙ୍କର ଦୁଇଟି କାବ୍ୟ ଗ୍ରନ୍ଥର ନାମ ଲେଖ ?
(ଚ) ପ୍ରାଚୀନ ଉତ୍କଳର କେଉଁ କେଉଁ ବ୍ୟକ୍ତିମାନେ ସାହିତ୍ୟ ବନ୍ଧନରେ ଆମ ସହ ବାନ୍ଧି ହୋଇ ରହିଛନ୍ତି ?
(ଛ) 'ହିମାଳୟାନ୍ ବ୍ଲଣ୍ଡର' କିଏ କେଉଁ ପରିସ୍ଥିତିରେ କହିଥିଲେ ?

**୧୧ . ଯେକୌଣସି ୨ଟି ପ୍ରଶ୍ନର ଉତ୍ତର ନିଜ ଭାଷାରେ ଲେଖ ।** 2 x5 =10

(କ) ବେଣୁଧର ଗଛମୂଳେ ପଥର ଉପରେ ବସି ଏ ଜାତି ବିଷୟରେ କି ପ୍ରକାର ଚିନ୍ତା କରୁଥିଲା ?
(ଖ) ଦାମ ଜୀବନରେ କାହିଁକି ଓ କିପରି କରୁଣ ପରିଣତି ଘଟିଲା, 'ବିଟ୍‌ଘର ଓ ରେଳଗାଡ଼ି' ଗଳ୍ପ ଅବଲମ୍ବନରେ ଦର୍ଶାଅ ?
(ଗ) ଅନାମ ମହାପାତ୍ର ଗ୍ରାମବାସୀଙ୍କ ପାଇଁ କିପରି ଆଦର୍ଶର ପ୍ରତୀକ ସାଜିଥିଲେ 'ଦର୍ଶନ' ଗଳ୍ପରୁ ଆଲୋଚନା କର ।
(ଘ) ରାଓ ଟିକି ଝିଅଟିକୁ କ'ଣ ପଚାରିଲେ ଓ କି ଉତର ପାଇଲେ ?

*****